## ସଂକ୍ଷେପରେ

### ବେଆଇନ ବାଲି ଚାଲାଣ: ୨ ଟ୍ରକ୍ ଜବତ, ଚାଳକ ଗିରଫ

ଭଣ୍ଡାରିପୋଖରୀ,୪।୬ (ସ୍ୱ.ପ୍ର.)-ଭଦ୍ରକ ଭଣ୍ଡାରିପୋଖରୀ ବ୍ଲକ ଦେଇ ଯାଇଥିବା ବୈତରଣୀ ନଦୀର ବନ୍ଦାଳୋ-ମଢ଼ିଆଲିଠାରୁ ମୁଡ଼ାପଦା ଯାଏ ବେଆଇନ ବାଲି ଚାଲାଣ ବଢ଼ି ଚାଲିଛି। ବିଶେଷ କରି ମଣିନାଥପୁର, ବାଲିପୋଖରୀ, ନେରଡ଼ା, ବନସ୍ତା ପ୍ରମୁଖ ସ୍ଥାନରୁ ଦୈନନ୍ଦିନ ଶହ ଶହ ଟ୍ରିପ୍ ବାଲି ଚୋରା ଚାଲାଣ ହେଉଛି। ଏଥିପାଇଁ ସରକାର ଲକ୍ଷାଧିକ ଟଙ୍କା ରାଜସ୍ୱ ହରାଉଥିବା ବେଳେ ଏହାକୁ ବନ୍ଦ କରିବା ପାଇଁ ଜିଲା ପ୍ରଶାସନ କୌଣସି ପଦକ୍ଷେପ ନେଉ ନ ଥିବା ସାଧାରଣରେ ଅଭିଯୋଗ ହେଉଛି। ସ୍ଥାନୀୟ ଥାନା ଓ ତହସିଲ ପକ୍ଷରୁ କେତେବେଳେ କେମିତି ଅତର୍କିତ ଚଢ଼ାଉ କରାଯାଇ ବେଆଇନ ବାଲି ବୋଝେଇ ଗାଡ଼ି ଜବତ କରାଯାଉଛି ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ଭଣ୍ଡାରିପୋଖରୀ ଥାନା ଅଧିକାରୀ ଅମିତାଭ ଦାସଙ୍କ ନେତୃତ୍ୱରେ ଶନିବାର ନଦୀକୂଳିଆ ଅଞ୍ଚଳରେ ଚଢ଼ାଉ କରାଯାଇ ୨ଟି ବାଲି ବୋଝେଇ ଟ୍ରକ୍ ଜବତ କରାଯାଇଛି। ଏଥିସହ ୨ ଗାଡ଼ି ଚାଳକଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏନେଇ ଥାନାରେ ୨ଟି ମାମଲା (ନଂ.୨୧୪/୨୨ ଓ ୨୧୫/୨୨) ରୁଜୁ ହୋଇଛି। ପ୍ରକାଶଥାଉକି, ତହସିଲଦାର ସରୋଜକାନ୍ତ ନାୟକ ଓ ଅତିରିକ୍ତ ତହସିଲଦାର ସତ୍ୟ ରଞ୍ଜନ ଧଳ ଶୁକ୍ରବାର ଭୋର ସମୟରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୮ଟି ବାଲି ବୋଝେଇ ଗାଡ଼ି ଜବତ କରିଥିଲେ। ବେଆଇନ ବାଲି ଚାଲାଣ ଅଭିଯୋଗରେ ପ୍ରାୟ ୯୭ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ସୂଚନା ଦିଆଯାଇଛି।

### ତତ୍ତ୍ୱଦର୍ଶନ ପୁସ୍ତକ ଲୋକାର୍ପିତ

ବାରିପଦା ଅଫିସ,୪।୬-ସମ୍ପ୍ରତି ସମାଜରେ ସଂସ୍କାରର ଅବକ୍ଷୟ ସମୟରେ ମଣିଷର ଚେତନାରେ ସଚେତନତାର ସ୍ୱର ତୋଳିବା ଏବଂ ଶୃଙ୍ଖଳିତ ସମାଜ ଗଠନ ଦିଗରେ ଏକ ନୂତନ ପ୍ରୟାସର ଅୟମାରମ୍ଭ କରାଯାଇଛି। କବି ତଥା ପ୍ରାକ୍ତନ ଅଧକ୍ଷ ରାଜେନ୍ଦ୍ର ସାମଲଙ୍କ ପ୍ରକାଶିତ ପୁସ୍ତକ ତତ୍ତ୍ୱଦର୍ଶନ ମାଧମରେ ମାର୍ଗ ଦର୍ଶନ କରାଯାଇଛି। ଏହି ଅବସରରେ ବାରିପଦା ମହାବିଦ୍ୟାଳୟ ପରିସରରେ ଆଧାତ୍ମିକତାବାଦୀ ଡା.ପାର୍ଥସାରଥି ଜେନାଙ୍କ ପୌରାହିତ୍ୟରେ ପୁସ୍ତକ ଲୋକର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଭୂମିପୁତ୍ର ଡ.ନୀଳକଣ୍ଠ ମିଶ୍ର, ପଣ୍ଡିତ ଭାଗବତ ପଣ୍ଡା, ପ୍ରାଧାପିକା ଡ.ସୁଜାତା ଦାସ ପ୍ରମୁଖ ପୁସ୍ତକର ସମୀକ୍ଷା କରିଥିଲେ। ସାହିତ୍ୟିକ ଆଶିଷ ବସା ସ୍ୱାଗତ ଅଭିଭାଷଣ ଓ ସଂସ୍କୃତ ଅଧାପକ ପଙ୍କଜ କୁମାର ମହାନା ଧନ୍ୟବାଦ ଅର୍ପଣ କରିଥିଲେ।

### ପଞ୍ଚକୁଣ୍ଡୀୟ ଗାୟତ୍ରୀ ଯଜ୍ଞ

ଯୋଡ଼ା, ୪।୬(ଡି.ଏନ.ଏ.): କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକା ଅନ୍ତର୍ଗତ ୭ ନମ୍ବର ୱାର୍ଡ ସହିଦନଗରଠାରେ ଗାୟତ୍ରୀ ପରିବାର ଆନୁକୂଲ୍ୟରେ ପଞ୍ଚକୁଣ୍ଡୀୟ ଗାୟତ୍ରୀ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ପ୍ରାତଃ ସମୟରୁ ଶତାଧିକ ମହିଳା ପୁରୁଷଙ୍କ ଦାରା କଳସ ଯାତ୍ରା କରାଯାଇ ଯଥାବିଧି ଯଜ୍ଞ କାର୍ଯ୍ୟ କରାଯାଇଥିଲା। କାର୍ଯ୍ୟକ୍ରମକୁ ଗାୟତ୍ରୀ ପରିବାରର ସଦସ୍ୟ ସଞ୍ଜୟ ପାତ୍ର, ରାମଚନ୍ଦ୍ର ମୁଣ୍ଡା, ଆଶିଷ ରାଉତ, ଚନ୍ଦ୍ର ଧୀବର ପରିଚାଳନା କରିଥିବା ବେଳେ ସନ୍ଧ୍ୟା ସମୟରେ ପୂର୍ଣ୍ଣାହୁତି ଦିଆଯାଇ ପ୍ରସାଦସେବନର ବ୍ୟବସ୍ଥା କରାଯାଇଥିଲା।

## ଆଜି ବିଶ୍ୱ ପରିବେଶ ଦିବସ

# ପାଇପ୍‌ଲାଇନ୍ ପାଇଁ ଗଛ ବଳି

**ନରେଶ ପଟ୍ଟନାୟକ**
**କେନ୍ଦୁଝର,୪।୬**

କେନ୍ଦୁଝର ଜିଲାରେ ଖଣିଖାଦାନ ଯୋଗୁ ଜଙ୍ଗଲ ନଷ୍ଟ ହୋଇଛି। ବନ୍ଧ, କେନାଲ, ଖଣି, କାରଖାନା ନିର୍ମାଣ ତଥା ରାସ୍ତା ସମ୍ପ୍ରସାରଣ ପାଇଁ ଗଛ କଟା ଚାଲିଛି। ଏହାର କୁପ୍ରଭାବ ଜିଲାବାସୀ ଭୋଗୁଛନ୍ତି। ପରିବେଶ ବହୁ ମାତ୍ରାରେ କ୍ଷତିଗ୍ରସ୍ତ ହେବା ସହ ଜଳବାୟୁ ପ୍ରଦୂଷିତ ହେଉଛି।

ଲୁହାପଥର ପରିବହନ ପାଇଁ ରାସ୍ତା ସମ୍ପ୍ରସାରଣ ଯୋଜନା ପ୍ରସ୍ତୁତ ହେଉଥିବା ବେଳେ ଏବେ ପରିବହନ ପାଇଁ ସ୍ଲରି ପାଇପ ଲାଇନ ବିଛାଇବା କାମ ଆରମ୍ଭ ହୋଇଛି। ଏଣୁ ଏହି ବଡ଼ ବଡ଼ ପାଇପ ବିଛାଇବା ପାଇଁ ରାସ୍ତା ପାର୍ଶ୍ୱରୁ ପୁଣି ଚାଲିଛି ଗଛ କଟା । ଯାହାକୁ ନେଇ ପରିବେଶବିତମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଯୋଡ଼ା ଖଣି ଅଞ୍ଚଳରୁ କେନ୍ଦୁଝର ଦେଇ ଏନ୍‌ଏଚ୍ ୨୦ରେ ଯାଜପୁର ଜିଲାକୁ ପାଇପ୍ ବିଛାଇବା କାମ ଚାଲିଛି। ଏଥିପାଇଁ କେନ୍ଦୁଝର ଜିଲାର

### ୩୪୮୦ରୁ ଊର୍ଦ୍ଧ୍ୱ କଟା ସରିଲାଣି

ପାଖାପାଖି ୩୪୮୦ ଗଛ କଟାଯାଇଛି। ପ୍ରକୃତ ପକ୍ଷେ ବହୁ ଛୋଟ ଛୋଟ ଗଛ ଗଣନା ହୋଇ ନ ଥିବା ଅଭିଯୋଗ ହେଉଛି। ସେସବୁକୁ ହିସାବ କଲେ ଏହି ସଂଖ୍ୟା ବହୁ ଅଧିକ ହେବ ବୋଲି ମତପ୍ରକାଶ ପାଉଛି। ତଦନ୍ତ ହେଲେ ପ୍ରକୃତ ସଂଖ୍ୟା ଜଣାପଡିବ ବୋଲି ସାମାଜିକ କର୍ମୀ ପ୍ରଦୀପ ମହାନ୍ତି କହିଛନ୍ତି। ସେହିପରି ଅନ୍ୟ ଏକ କମ୍ପାନୀ ବାଂଶପାଳ ବ୍ଲକ ଦେଇ ଅନୁଗୋଳକୁ ପାଇପ ବିଛାଇବା କାମ କରୁଥିବା ଜଣାପଡ଼ିଛି।

ଆଗରୁ ଜିଲାର ଏନ୍‌ଏଚ ୨୧୫ ଓ ୪୯ ସଂପ୍ରସାରଣ ବେଳେ ଲକ୍ଷ ଲକ୍ଷ ସଂଖ୍ୟାରେ ଗଛ ନଷ୍ଟ ହୋଇଥିଲା। ଖଣି ସଂପ୍ରସାରଣ, ନୂତନ ଖଣି ଖନନ ଆଦି ଯୋଗୁ ବହୁ ପରିମାଣର ଜଙ୍ଗଲ ନଷ୍ଟ ହୋଇଛି। ବହୁ ମୂଲ୍ୟବାନ ଶାଳ, ନିମ୍ବ, କେନ୍ଦୁ, ବର, ଜାମୁ, ଆମ୍ବ ଆଦି ବିଭିନ୍ନ



ଗଛ କଟାଯାଉଛି।

କିସମର ଗଛ କଟାଯାଇଛି। ରାସ୍ତା ସଂପ୍ରସାରଣ ପାଇଁ ଗଛ କଟାଯାଇଛି, କିନ୍ତୁ ଅଦ୍ୟାବଧି ରାସ୍ତା କଡ଼ରେ ଗଛ ଲଗାଯାଇ ପାରିନାହିଁ। କେବଳ କେତେକ ସ୍ଥାନରେ ଫୁଲ ଓ ସୌଖୀନ ଗଛ ଲଗାଇ ବନୀକରଣ କାମ କରାଯାଇଥିବାରୁ ପରିବେଶର ସୁରକ୍ଷା ହୋଇ ପାରୁ ନ ଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ ସହର ଗଛ ଶୂନ୍ୟ ହୋଇ ପଡିଥିବା ବେଳେ ଆଗରୁ ଏହି ଗଛ ଗୁଡ଼ିକରେ ବସବାସ କରୁଥିବା ଅସଂଖ୍ୟ କାଉ, ବଗ, ଚଟିଆ, ବଣି ଆଦି ଚଢେଇ ବାସହରା ହୋଇ ଅନ୍ୟତ୍ର ପଳାୟନ କରିଛନ୍ତି । ଲୋକେ ଛାଇ ଟିକେ ନ ପାଇ ହଇରାଣ ହେଉଛନ୍ତି। ଅନ୍ୟପକ୍ଷରେ କଂକ୍ରିଟ ଜଙ୍ଗଲ ସୃଷ୍ଟି କରିବାରେ ପ୍ରଶାସନ ବ୍ୟସ୍ତ ରହୁଛି।

ପରିବେଶ ନଷ୍ଟ ହେବା କାରଣରୁ ପ୍ରବଳ ଗରମ ସହିତ ଗୁଳୁଗୁଳି, ଅଦିନିଆ ବର୍ଷା, କାଳବୈଶାଖୀ ଭଳି ଦୈବଦୁର୍ବିପାକ ଘଟୁଛି। ଯେତିକି ଜଙ୍ଗଲ କ୍ଷତିଗ୍ରସ୍ତ ହେଉଛି ସେତିକି ଜଙ୍ଗଲ ସୃଷ୍ଟି ହେଉନାହିଁ। ଅନ୍ୟପକ୍ଷରେ ଯେତିକି ସଂଖ୍ୟାରେ ଗଛ କଟାଯାଉଛି ତାଠାରୁ କମ ଦର୍ଶାଯାଉଥିବା ଅଭିଯୋଗ ହେଉଛି । ଫଳରେ ଦ୍ରୁତ ଗତିରେ ଜଙ୍ଗଲ ଅବକ୍ଷୟ ହେବାକୁ ଲାଗିଛି। ସେହିପରି ହେଉଥିବା ବନୀକରଣର ମାତ୍ର ପ୍ରାୟ ୧୦ ପ୍ରତିଶତ ସଫଳ ହେଉଥିବା ଏବଂ ନଷ୍ଟ ହେଉଥିବା କିସମ ବଦଳରେ ଅନ୍ୟ ଚାରା ରୋପଣ ହେଉଥିବାରୁ ଜଙ୍ଗଲର ଭରଣା ହୋଇ ପାରୁନାହିଁ ବୋଲି ଅଭିଯୋଗ ହେଉଛି। ଏସମ୍ପର୍କରେ କେନ୍ଦୁଝର ଡିଏଫ୍‌ଓ ଧନରାଜ ଏଚ.ଡି କହିଛନ୍ତି, ଅନୁମତି ନ ନେଇ ଗଛ କାଟିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ସେହିପରି ନର୍ସରୀ କରି ପ୍ରତ୍ୟେକ ବର୍ଷ ଲକ୍ଷାଧିକ ବିଭିନ୍ନ କିସମର ଚାରା ରୋପଣ କରାଯାଇ ବିଭିନ୍ନ ସ୍ଥାନରେ ବନୀକରଣ କରାଯାଉଛି ବୋଲି ସେ କହିଛନ୍ତି।

## ୪୦୯ ଲିଟର ମଦ ଜବତ: ୯ ଗିରଫ

**ପାଟଣା, ୪।୬(ସ୍ୱ. ପ୍ର.)**

କେନ୍ଦୁଝର ଜିଲା ପାଟଣା ଅବକାରୀ ବିଭାଗ ପକ୍ଷରୁ ଶନିବାର ପାଟଣା, ତୁରୁମୁଙ୍ଗା ଓ ଘଟଗାଁ ଥାନା ଅଞ୍ଚଳରେ ବେଆଇନ ଭାବେ ଚାଲୁଥିବା ମଦ ଭାଟି ଉପରେ ବ୍ୟାପକ ଚଢ଼ାଉ କରି ୪୦୯ ଲିଟର ମହୁଲି ମଦ ଜବତ କରିବାସହ ୯ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ପାଟଣା ଥାନା ମାଧପୁର ଛକର ସନ୍ଦୀପ ମହାନ୍ତ, ଚନ୍ଦନ ନାଏକ, ଫୁଲ ପାହାଡ଼ି କୁଣ୍ଡଳାର, ଜିତୁ ମାଝୀ, ତୁରୁମୁଙ୍ଗା ଥାନା କ୍ଷୀରେଇ ଟାଙ୍ଗିରି ସୁଶିଳା ପାତ୍ର, କିଆପଡ଼ାର ହୃଦାନନ୍ଦ ଦାସ, ରାଜନଗରର ଭଜୁ ମୁଣ୍ଡା, ଘଟଗାଁ ଥାନା କୁମୁଳାବାହାଲିର ଜଗବନ୍ଧୁ ବେଷ୍ଟକାର, ଦୈତାରି ପାତ୍ର, ଗୋବିନ୍ଦ ମାଝୀ। ଏହି ଚଢ଼ାଉ ସଦର ଅବକାରୀ ଇନ୍ସପେକ୍ଟର ବେଣୁଧର ସାମଲଙ୍କ ନେତୃତ୍ୱରେ ପାଟଣା ଅବକାରୀ ଅଧିକାରୀ ଜନାର୍ଦ୍ଦନ ପଲେଇ, ଘଟଗାଁ ଅବକାରୀ ଥାନା ଅଧିକାରୀ କୃଷ୍ଣ ଚନ୍ଦ୍ର ପରିଡା, ଓଆଇସି କେନ୍ଦୁଝର ରଞ୍ଜନ କୁମାର ପାତ୍ର ପ୍ରମୁଖ ସାମିଲ ଥିଲେ।

## ପୁଷ୍କରିଣୀକୁ ଅମୃତ ସରୋବର ଯୋଜନାରେ ଅନ୍ତର୍ଭୁକ୍ତ ଦାବି

**କେନ୍ଦୁଝର,୪।୬ (ସ୍ୱ.ପ୍ର.)**

କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ମଣ୍ଡୁଆ ପଞ୍ଚାୟତ ଗୁମୁରା ଗ୍ରାମ ରେଳଷ୍ଟେଶନ ନିକଟରେ ଥିବା ପୋଖରୀ ରକ୍ଷଣା ବେକ୍ଷଣ ଅଭାବରୁ ଅନାବନା ଘାସଲତା ଓ ଦୋଳରେ ଭର୍ତ୍ତି ହୋଇ ପୋତି ହୋଇପଡିଛି। ପୋଖରୀ ଚାରି ପାଖରେ ଥିବା ହୁଡ଼ା ଗୁଡିକ ମଧ ସମ୍ପୂର୍ଣ୍ଣ ଭାବେ ଚାଲିବା ଅନୁପଯୋଗୀ ହୋଇଯାଇଛି। ଫଳରେ ସ୍ଥାନୀୟ ଲୋକଙ୍କ ସହିତ ରେଳ ଯାତ୍ରୀ ମାନେ ମଧ ସ୍ନାନ ଓ ଶୌଚ ଆଦି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନିକଟରେ ମାନ୍ୟବର କେନ୍ଦ୍ର ସରକାର ଅମୃତ ସରୋବର ଯୋଜନା ପ୍ରଚଳନ କରିଛନ୍ତି। ଏହି ଯୋଜନାରେ ଗୁମୁରା ରେଳଷ୍ଟେଶନ ପାଖ ଏହି ପୋଖରୀକୁ ସାମିଲ କରି ଏହାର ଉନ୍ନତି କରଣ ପାଇଁ ଯୁବ ଓ ଶ୍ରମ ବିକାଶ ମଞ୍ଚର ସାଧାରଣ ସମ୍ପାଦିକା ଶୈଳବାଳା ପରିଡା ଜିଲା ପ୍ରଶାସନ ନିକଟରେ ଦାବି କରିଛନ୍ତି। ରେଳ ଯାତ୍ରା ପାଇଁ ଅନେକ ଦୂରଦୂରାନ୍ତରୁ ଆସୁଥିବା ରେଳଯାତ୍ରୀଙ୍କ ସମେତ ସ୍ଥାନୀୟ ଜନସାଧାରଣ ବହୁ ଉପକୃତ ହୋଇପାରନ୍ତେ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

## ୨ ବାଇକ୍ ମୁହାଁମୁହିଁ, ଜଣେ ମୃତ

**ବାରିପଦା ଅଫିସ,୪।୬**

ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଧୀନ ୧୮ନଂ. ଜାତୀୟ ରାଜପଥର କରଞ୍ଜିଆ ଛକ ନିକଟରେ ଶନିବାର ୨ ବାଇକ୍ ମୁହାଁମୁହିଁ ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ବାଲେଶ୍ୱର ଜିଲା ସିଂଲା ଥାନା ଅଧୀନ କାଦରାୟାଁ ଗ୍ରାମର ଶେଖ ଇନୁଷ(୩୫)। ଏ ସଂକ୍ରାନ୍ତରେ ପୋଲିସ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁ କରି ଉଭୟ ବାଇକ୍‌କୁ ଜବତ କରିଛି। ଶବ ବ୍ୟବଚ୍ଛେଦ ପାଇଁ ବାରିପଦା ପିଆର୍‌ଏମ୍ ମେଡିକାଲକୁ ପଠାଯାଇଛି।

ସୂଚନା ଅନୁଯାୟୀ, ଶେଖ ଇନୁଷ ଏକ ବାଇକ୍‌ରେ ଯାଉଥିବା ବେଳେ ଝାରପୋଖରିଆ ଥାନା ନୁହାମାଳିଆ ଗ୍ରାମର ଚନ୍ଦ୍ରକାନ୍ତ ବେହେରାଙ୍କ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଗୁରୁତର ଅବସ୍ଥାରେ ଉଭୟଙ୍କୁ ବାରିପଦା ପିଆର୍‌ଏମ୍ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲେ ହେଁ ଡାକ୍ତର ଶେଖ ଇନୁଷଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ଚନ୍ଦ୍ରକାନ୍ତଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

## ୨୧୨ ହିତାଧିକାରୀଙ୍କୁ ଭୂମି ଅଧିକାର ପ୍ରମାଣପତ୍ର



ଅତିଥିଙ୍କ ଗହଣରେ ଯୋଜନାରେ ସାମିଲ ହୋଇଥିବା ହିତାଧିକାରୀମାନେ।

**ବାରିପଦା ଅଫିସ,୪।୬**

ରାଜ୍ୟ ସରକାରଙ୍କ ଜାଗା ମିଶନ ଯୋଜନାରେ ମୟୂରଭଞ୍ଜ ଜିଲା ବାରିପଦା ପୌର ପରିଷଦ ପକ୍ଷରୁ ୪ର୍ଥ ପର୍ଯ୍ୟାୟରେ ୨୧୨ଜଣ ହିତାଧିକାରୀଙ୍କୁ ଭୂମି ଅଧିକାର ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ବାରିପଦା ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁଦାମ ମାରାଣ୍ଡି ଯୋଗଦେଇ ହିତାଧିକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ବିନୀତ ଭରଦ୍ୱାଜ, ମ୍ୟୁନସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଉପଜିଲାପାଳ ଅନ୍ୟା ଦାସ, ପୌର ପରିଷଦର ଅଧକ୍ଷ କୃଷ୍ଣାନନ୍ଦ ମହାନ୍ତି, ଉପାଧକ୍ଷା ସୀମା ଦାସ, ସମସ୍ତ କାଉନସିଲର, ଏସ୍‌ଡିଏର ସଭାପତି ଓ ସମ୍ପାଦକ ପ୍ରମୁଖ ଉପସ୍ଥିତ ଥିଲେ। ଅଦ୍ୟାବଧି ମୋଟ ୧୩୧୦ଜଣ ହିତାଧିକାରୀଙ୍କୁ ଏହି ଯୋଜାନାରେ ସାମିଲ କରାଯାଇ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଆଗାମୀ ଦିନରେ ଅବଶିଷ୍ଟ ହିତାଧିକାରୀଙ୍କୁ ଏଥିରେ ସାମିଲ କରିବାର ପ୍ରୟାସ ଜାରି ରହିଛି ବୋଲି ପୌର ପରିଷଦ ପକ୍ଷରୁ ସୂଚନା ମିଳିଛି। ପୌର ପରିଷଦର କର୍ମଚାରୀ ପଙ୍କଜ କୁମାର ମିଶ୍ର, ସଞ୍ଜୟ କୁମାର ଦାଶ, ଉଜ୍ଜଳ କୁମାର ବେହେରା, ଯଶୋବନ୍ତ ନାରାୟଣ ମହାପାତ୍ରଙ୍କ ସମେତ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପାଇଥିବା ମନିପର୍ସ ଫେରାଇଲେ



ପାଇଥିବା ପର୍ସକୁ ଗଦାଧର ଫେରାଉଛନ୍ତି।

**ରୂପସା, ୪।୬(ଡି.ଏନ.ଏ.)**

### ଯୁବକଙ୍କ ମାନବିକତା

ବାଲେଶ୍ୱର ଜିଲା ବସ୍ତା ବ୍ଲକ ବାହାର୍ଦ୍ଦା ପଞ୍ଚାୟତ ବାରିଦା ଗ୍ରାମର ସହୃଦୟ ଯୁବକ ଗଦାଧର ମହତା ମାନବିକତା ଦେଖାଇଛନ୍ତି। ପାଇଥିବା ପଇସା ଭର୍ତ୍ତି ମନି ପର୍ସ ସହ ଏଟିଏମ କାର୍ଡ଼, କ୍ରେଡିଟ କାର୍ଡ଼, ଆଧାର କାର୍ଡ଼, ଡ୍ରାଇଭିଂ ଲାଇସେନ୍ସ ଆଦି ଫେରାଇ ନିଜର ମହାନତାର ପରିଚୟ ଦେଇଛନ୍ତି।

ଗଦାଧର ତାଙ୍କ ବାପା ଜଳଧର ମହତାଙ୍କ ସହ ରାସ୍ତାରେ ଯାଉଥିବା ବେଳେ ଧେନୁଖୋଜା-ବାରିଦା ରାସ୍ତାରେ ଉକ୍ତ ପର୍ସକୁ ପାଇଥିଲେ। ଏ ସମ୍ପର୍କରେ ସେ ସାମାଜିକ କର୍ମୀ ଶଶିକାନ୍ତ ପଣ୍ଡାଙ୍କୁ ଜଣାଇଥିଲେ। ଶଶିକାନ୍ତ ପଣ୍ଡା ଉକ୍ତ ପର୍ସକୁ ତଦାରଖ କରି ହଜାଇଥିବା ବ୍ୟକ୍ତିଙ୍କ ଠିକଣା ଖୋଜି ବାହାର କରିଥିଲେ। ଯୋଗାଯୋଗ ପରେ ସଦାନନ୍ଦପୁର ଗ୍ରାମର ରଘୁନାଥ ପାଣିଙ୍କର ଏହି ପର୍ସ ଜଣାପଡ଼ିବା ପରେ ତାଙ୍କୁ ଡକାଇ ବାହାର୍ଦ୍ଦା ସରପଞ୍ଚ ସଞ୍ଜୀବ ଦଳାଇ, ଯୁବନେତା ଇଂ. ଦିବାକର ରାଉତଙ୍କ ଉପସ୍ଥିତିରେ ପର୍ସକୁ ଫେରସ୍ତ କରାଇଥିଲେ।

## ଥଇଥାନ ଯୋଜନାକୁ ନେଇ ପ୍ରଶାସନ-ଗ୍ରାମବାସୀ ମୁହାଁମୁହିଁ

**ଜଳେଶ୍ୱର, ୪।୬(ଡି.ଏନ.ଏ.)**

ଦୁଇବର୍ଷ ଧରି ବାଲେଶ୍ୱର ଜିଲା ଜଳେଶ୍ୱର ପୌରପାଳିକାର ୧୫ନଂ. ୱାର୍ଡ ନହଞ୍ଜରାଠାରେ ଜାଗା ମିଶନ ଯୋଜନାରେ ପ୍ରଶାସନ ସେଠାରେ ଥିବା ସରକାରୀ ସ୍ଥାନକୁ ହାତକୁ ନେବାକୁ ଚାହୁଁଥିବା ବେଳେ ଗ୍ରାମବାସୀ ବିରୋଧ କରି ଆସୁଛନ୍ତି। ପ୍ରଶାସନ ପକ୍ଷରୁ ଅଧିକାରୀମାନେ ମାପ କରିବାକୁ ଯାଇଥିବା ବେଳେ ଶତାଧିକ ଗ୍ରାମବାସୀ ବିରୋଧ କରିବାରୁ ଉଭୟେ ମୁହଁମୁହିଁ ହୋଇଥିଲେ। ସେଠାରେ ଥଇଥାନ ଯୋଜନାରେ ବିସ୍ତୀର୍ଣ୍ଣ ଅଞ୍ଚଳକୁ ନିଆ ନ ଯାଇ ସରକାରଙ୍କ କୌଣସି ଉନ୍ନତିମୂଳକ କାର୍ଯ୍ୟ ଲାଗି ନିଆଗଲେ ଗ୍ରାମବାସୀଙ୍କ ପକ୍ଷରୁ ବିରୋଧ କରାଯିବ ନାହିଁ ବୋଲି ସ୍ପଷ୍ଟ କରି କହିଛନ୍ତି। ଗ୍ରାମବାସୀଙ୍କ ପ୍ରବଳ ବିରୋଧ ଯୋଗୁ ପ୍ରଶାସନ ଖାଲିହାତରେ ଫେରିବାକୁ ବାଧ ହୋଇଛି । ନହଞ୍ଜରା ଗ୍ରାମର ଖାତା ନଂ. ୩୪୩ ଖସଡା ନଂ. ୩୭୫ ୧୧ ଏକର ୭୦ ଡିସିମିଲ ସ୍ଥାନ ପତିତ ଭାବେ ପଡିରହିଛି । ପୂର୍ବେ ଏହା ଗୋଚର ଥିବା ବେଳେ ୨୦୦୯ରେ ତତ୍‌କାଳୀନ ତହସିଲଦାର ଉନ୍ନତଯୋଗ୍ୟ ସରକାରୀ ସ୍ଥାନ ଭାବେ ରୂପାନ୍ତର କରିଛନ୍ତି । ଏହି ସ୍ଥାନକୁ ଗୃହପାଳିତ ପ୍ରାଣୀଙ୍କ ଚାରଣ ଭୂମି ଓ ଶ୍ମଶାନ ଆଦି କାର୍ଯ୍ୟରେ ବ୍ୟବହାର କରାଯାଉଥିବାରୁ ଏହାର କିସମ ପରିବର୍ତ୍ତନ ନ କରିବାକୁ ଗ୍ରାମବାସୀ ଗତ ୨୬।୭।୨୧ରେ ତହସିଲଦାର, ଜିଲାପାଳ, ରାଜସ୍ୱପର୍ଷଦ, ବିଧାୟକ ଓ ଏମ୍‌ପିଙ୍କୁ ଜଣାଇଥିଲେ । ଜଳେଶ୍ୱର ସହର ମଧ ଦେଇ ଯାଇଥିବା ରେଳପଥର ୩ୟ ଲାଇନ୍ ଓ ୪୫ନଂ. ରେଳ ଓଭରବ୍ରିଜ୍ ନିର୍ମାଣ ଲାଗି ବିସ୍ଥାପିତ ହୋଇଥିବା ଲୋକଙ୍କୁ ଥଇଥାନ କରିବା ନେଇ ସେଠାରେ ନୂତନ କଲୋନୀ ସୃଷ୍ଟି ପାଇଁ ପ୍ରଶାସନ ନିଷ୍ପତ୍ତି ନେଇଛି। ଥଇଥାନ ଯୋଜନାରେ ଉକ୍ତ ସ୍ଥାନକୁ ବ୍ୟବହାର ନ କରି ଉନ୍ନୟନ କାର୍ଯ୍ୟରେ ବ୍ୟବହାର କରିବାକୁ ଗ୍ରାମ ମୁଖ୍ୟ ଦିଲୀପ କୁମାର ପରିଡା, ସମ୍ପାଦକ ସୁଧୀର କୁମାର ଦାସ, ଅମୂଲ୍ୟ ଦତ୍ତ, ବିରଞ୍ଚି ନାରାୟଣ ଭୂୟାଁ, ଗୋପାଳ ଚାନ୍ଦ, ନବୀନ ଭୂୟାଁ, ରବୀନ୍ଦ୍ର ଭୂୟାଁଙ୍କ ନେତୃତ୍ୱରେ ଶତାଧିକ ଗ୍ରାମବାସୀ ବିରୋଧ କରିଛନ୍ତି। ପୌର ନିର୍ବାହୀ ଅଧିକାରୀ ଅଜୟ ମହାପାତ୍ର, ଅତିରିକ୍ତ ତହସିଲଦାର ହେମନ୍ତ ନାୟକ, ରାଜସ୍ୱ ଅଧିକାରୀ ଦିଲୀପ ଚାନ୍ଦ, ଆଇଆଇସି ରୋଜାଲିନ୍ ବେହେରା ପ୍ରମୁଖ ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ ।

## ଗୋଚର, ଶ୍ମଶାନ ଓ ଜଙ୍ଗଲ ଜମିରେ ଖର୍ଚ୍ଚ ହେଉଛି 'ୟାସ୍' ଅର୍ଥ

**ଖଇରା, ୪।୬(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଗଡପୋଖରୀ ପଞ୍ଚାୟତରେ ୟାସ୍ ବାତ୍ୟାରେ ଆସିଥିବା ଅର୍ଥ ବେନିୟମ ଭାବେ ଖର୍ଚ୍ଚ ହେଉଥିବା ନେଇ ବିଭିନ୍ନ ଗ୍ରାମର ବାସିନ୍ଦା ଅଭିଯୋଗ କରିଛନ୍ତି । ଏଭଳିକି ହାଇକୋର୍ଟଙ୍କ ରାୟ ପରେ ମଧ ଜିଲାପାଳଙ୍କ ନିଷ୍ପତ୍ତିରେ ବିଳମ୍ବକୁ ଆଳ କରି କାର୍ଯ୍ୟଗ୍ରାହୀ ଓ ଯନ୍ତ୍ରୀମାନେ ତରବରିଆ ଭାବେ ବିଲ୍ ଉଠାଇବାକୁ ପ୍ରସ୍ତୁତି ଚଳାଇଛନ୍ତି। ତୁରନ୍ତ ଜିଲାପାଳ ଏଥିରେ ହସ୍ତକ୍ଷେପ କରିବାକୁ ଗଡପୋଖରୀ ପଞ୍ଚାୟତବାସୀ ଦାବି କରିଛନ୍ତି।

୨୦୨୧ ମେ' ଶେଷ ସପ୍ତାହରେ ୟାସ୍ ବାତ୍ୟା ଓ ବନ୍ୟା ପ୍ରଭାବରେ ଖଇରା ବ୍ଲକରେ ବ୍ୟାପକ କ୍ଷତି ହୋଇଥିଲା। ଲୋକପ୍ରତିନିଧିଙ୍କୁ ଉପେକ୍ଷା କରି ତରବରିଆ ଭାବେ ବିଭିନ୍ନ ପଞ୍ଚାୟତରେ ନଷ୍ଟ ହୋଇଥିବା ରାସ୍ତାଘାଟ, ବିଦ୍ୟାଳୟ ତାଲିକା ସରକାରୀ କର୍ମଚାରୀଙ୍କ ଜରିଆରେ ପ୍ରସ୍ତୁତ କରାଯାଇଥିଲା। ହେଲେ ଗଡପୋଖରୀ ପଞ୍ଚାୟତରେ ଦିଆଯାଇଥିବା ରାସ୍ତା କାମ



ବିନା ଫଳକରେ ନିର୍ମାଣ ହୋଇଥିବା ରାସ୍ତା।

ଆରମ୍ଭ ହେବା ପରେ ଏହାକୁ ବିରୋଧ କରି ସ୍ଥାନୀୟ ସରପଞ୍ଚ ଟିକିରାଣୀ ସେଠୀ, ପୂର୍ବତନ ସମିତିସଭ୍ୟା ସଞ୍ଜୁଶ୍ରୀ ବାରିକ, କାହ୍ନୁ ପରିଡା ଓ ବିଜୟ କୁମାର ବାରିକ ପ୍ରମୁଖ ଏପ୍ରିଲ ୧୯ତାରିଖରେ ଖଇରା ବିଡିଓ ଓ ବାଲେଶ୍ୱର ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଥିଲେ। ନିର୍ମାଣ ହେଉଥିବା ରାସ୍ତା ମଧ୍ୟରୁ ଅଧିକାଂଶ ଗୋଚର, ଶ୍ମଶାନ, ଜଙ୍ଗଲ ଓ ବ୍ୟକ୍ତିଗତ ଜମି ଉପରେ ଅତିକ୍ରମ କରୁଥିବା ନେଇ ଅଭିଯୋଗ କରିଥିଲେ। ନିୟମ ଅନୁଯାୟୀ ନଷ୍ଟ ହୋଇଥିବା ପଞ୍ଚାୟତ ଓ ପଞ୍ଚାୟତ ସମିତି ରାସ୍ତା ଅର୍ଥ ଆସିବାର ୪୫ଦିନ ମଧ୍ୟରେ ହେବା କଥା । ସମସ୍ତ ନିୟମର ଉଲ୍ଲଂଘନ କରାଯାଇ ଏହି ରାସ୍ତା ନିର୍ମାଣ କରାଯାଇଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଥିଲା। ହେଲେ ପ୍ରଶାସନ କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ହେଉଥିବା ଅଭିଯୋଗ ଆଣି ଏହି ବ୍ୟକ୍ତିମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

### ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା

ହାଇକୋର୍ଟ ଉକ୍ତ ମାମଲା(ଡବ୍ଲୁପି(ସି) (ପିଆଇଏଲ)ନଂ. ୧୧୯୦୯/୨୦୨୨ର ବିଚାର କରି ଅଗଷ୍ଟ ୧ତାରିଖ ପୂର୍ବରୁ ସମସ୍ତଙ୍କୁ ସୁହାଇବା ଭଳି ଆଦେଶ ପାରିତ କରିବାକୁ ମେ' ୨୫ତାରିଖରେ ବାଲେଶ୍ୱର ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ଅଭିଯୋଗକାରୀଙ୍କୁ ଯୋଗାଯୋଗ କରିବାକୁ ଉଲ୍ଲେଖ କରାଯାଇଥିଲା। ହେଲେ ଜିଲାପାଳଙ୍କ ଆଦେଶ ପୂର୍ବରୁ ଠିକାଦାରମାନେ ଯନ୍ତ୍ରୀଙ୍କ ସହାୟତାରେ ଏବେ ରାସ୍ତାକାମ ଶେଷ କରି ବିଲ୍ ଉଠାଇବା ପାଇଁ ଉଦ୍ୟମ କରୁଥିବା ନେଇ ଅଭିଯୋଗ ହୋଇଛି । ରାସ୍ତା କାମ ଆରମ୍ଭରେ କୌଣସି ଫଳକ ଲଗାଯାଇ ନ ଥିବାରୁ ସର୍ବସାଧାରଣ ଆବଶ୍ୟକ ସୂଚନାରୁ ବଞ୍ଚିତ ହେଉଛନ୍ତି। ଏ ସମ୍ପର୍କରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ଯୋଗାଯୋଗ କରାଯିବାରେ ସେ ଖଇରା ବିଡିଓଙ୍କ ସହ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି ।

## ପ୍ରଥମ ଜିଲାସ୍ତରୀୟ ବିଦ୍ୟୁତ୍ କମିଟି ବୈଠକ

**ଭଦ୍ରକ ଅଫିସ, ୪।୬**

ଭଦ୍ରକ ଜିଲାରେ ବିଦ୍ୟୁତ୍‌ବିଭାଗ ଜନିତ ବିଭିନ୍ନ ସମସ୍ୟା, ସମାଧାନର ପନ୍ଥା, କାର୍ଯ୍ୟଧାରା, ସେବା ଯୋଗାଣରେ ବିଫଳତା ଆଦି ବିଷୟ ନେଇ ଶନିବାର ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ପ୍ରଥମ ଜିଲାସ୍ତରୀୟ ବିଦ୍ୟୁତ୍ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏମ୍‌ପି ମଞ୍ଜୁଲତା ମଣ୍ଡଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକକୁ ଜିଲାପାଳ ତ୍ରିଲୋଚନ ମାଝି ପରିଚାଳନା କରିଥିଲେ। ଜିଲା ଯୋଜନା କମିଟି ସଭାପତି ତଥା ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ କୁମାର ସାମଲ, ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଜିଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ପ୍ରମୁଖ ଯୋଗ ଦେଇଥିଲେ। ଟାଟା ପାୱାର ଉତ୍ତର ଓଡ଼ିଶା ବିତରଣ ଲିମିଟେଡ୍‌ର ପଦାଧିକାରୀ ସିଇଓ ଭାସ୍କର ଶଙ୍କର, ବାଣିଜ୍ୟିକ ମୁଖ୍ୟ ଦୁଷ୍ୟନ୍ତ କୁମାର ତ୍ୟାଗୀ, ସାଧାରଣ ପ୍ରକଳ୍ପ ପରିଚାଳକ ରାଜୀବ ନାୟକ, ଭଦ୍ରକ ବିଦ୍ୟୁତ୍ ସର୍କଲ ଅଧୀକ୍ଷଣ ଯନ୍ତ୍ରୀ ଶ୍ରୀକାନ୍ତ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ବିଶେଷକରି ଅଘୋଷିତ ବିଦ୍ୟୁତ୍ କାଟ, ଲୋ ଭୋଲ୍‌ଟେଜ ସମସ୍ୟା, ଅମ୍ଫାନ, ଫନୀ ବାତ୍ୟାରେ ମରାମତି ବିଳମ୍ବ, ବିଜୁ ଜ୍ୟୋତି ଯୋଜନା, ଆଇପିଡିଏସ୍ ଆଦି ଯୋଜନାରେ ବିଦ୍ୟୁତ୍ ବିଭାଗୀୟ କାର୍ଯଧାରାର ଅଗ୍ରଗତି, ବକେୟା କାର୍ଯ୍ୟର ପରିପୂରଣ ଆଦି ବିଷୟରେ ସମୀକ୍ଷା କରାଯାଇଥିଲା। ଏଥିସହ ବିଧାୟକମାନେ ନିଜ ନିଜ ଅଞ୍ଚଳର ବିଭିନ୍ନ ସମସ୍ୟା ବିଷୟରେ ବିଭାଗୀୟ ଅଧିକାରୀଙ୍କୁ ପ୍ରଶ୍ନ କରିଥିଲେ। ୨୦୨୧ ଏପ୍ରିଲ ୧ରୁ ଟାଟାପାୱାର ଦ୍ୱାରା ବିଦ୍ୟୁତ୍ ବିତରଣ ବ୍ୟବସ୍ଥା ଆରମ୍ଭର ବର୍ଷେ ବିତିଯାଇଥିଲେ ହେଁ ପୂର୍ବରୁ ଥିବା ନେସ୍କୋ ତୁଳନାରେ ଆଖିଦୃଶିଆ ସଫଳତା ମିଳିନାହିଁ ବୋଲି କହି ଚାନ୍ଦବାଲି ବିଧାୟକ ଅସନ୍ତୋଷ ପ୍ରକାଶ କରିଥିଲେ। ଏସବୁ ପ୍ରତି ଦୃଷ୍ଟି ଦେଇ ଦୁଇମାସ ମଧ୍ୟରେ ସମାଧାନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।




ବୈଠକରେ ଉପସ୍ଥିତ ଅଧିକାରୀ।

**ଭୁଜାଲି ଆକ୍ରମଣରେ ୨ ଗୁରୁତର**

କେନ୍ଦୁଝର: କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ଜଗନ୍ନାଥପୁର ସାହିରେ ଶନିବାର ରାତି ପ୍ରାୟ ୯.୩୦ ବେଳେ ଭୁଜାଲି ମାଡରେ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଦୁର୍ବୃତ୍ତମାନେ ଚୋରି କରିବାକୁ ଆସିଥିବା ବେଳେ ଲୋକେ ପ୍ରତିବାଦ କରିବାରୁ ସେମାନେ ଏଭଳି ଆକ୍ରମଣ କରିଥିବା ଜଣାପଡିଛି ।



## ସଂକ୍ଷେପରେ

### ଷ୍ଟେଶନରେ ଯୁବକଙ୍କୁ ଭୁଜାଲି ଆକ୍ରମଣ

ସୋର, ୪।୬(ଡି.ଏନ.ଏ.)-ସୋର ରେଳ ଷ୍ଟେଶନରେ ଯାତ୍ରୀଙ୍କୁ ଛାଡ଼ିବାକୁ ଆସିଥିବା ଜଣେ ଯୁବକଙ୍କୁ ୨ଜଣ ଯୁବକ ଭୁଜାଲିରେ ଆକ୍ରମଣ କରି ତାଙ୍କଠାରୁ ୧୮ହଜାର ଟଙ୍କା ଛଡ଼ାଇ ନେଇଥିବା ଥାନାରେ ଅଭିଯୋଗ ହୋଇଛି। ସୋର ପୌରପାଳିକା ଅଧୀନ ମୋବାରକପୁର ଗ୍ରାମର ସେକ୍ ନସିମଙ୍କର ପୁଅ ସେକ୍ ନାସିର ତାଙ୍କର ଜଣେ ସମ୍ପର୍କୀୟଙ୍କୁ ଷ୍ଟେଶନରେ ଛାଡ଼ି ଫେରୁଥିବା ବେଳେ ଡିପାସାହି ଗ୍ରାମର ପ୍ରକାଶ ହାଁସଦା ଏବଂ ନିଶି ହାଁସଦା ୨ଜଣ ଯୁବକ ତାଙ୍କୁ ଅଟକାଇଥିଲେ। ପରେ ସେମାନଙ୍କ ମଧରେ ବଚସା ହୋଇଥିଲା। ଫଳରେ ଉତ୍କ୍ଷିପ୍ତ ହୋଇ ୨ଜଣ ନାସିରଙ୍କ ମୁଣ୍ଡକୁ ଏକ ଭୁଜାଲିରେ ଆକ୍ରମଣ କରିବା ସହିତ ତାଙ୍କ ନିକଟରେ ଥିବା ୧୮ ହଜାର ଟଙ୍କା ଛଡ଼ାଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ନାସିରଙ୍କୁ ଗୁରୁତର ଅବସ୍ଥାରେ ସୋର ଡାକ୍ତରଖାନାରେ ଭର୍ତ୍ତି କରାଯିବା ସହିତ ସୋର ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପାଇ ପୋଲିସ ଏକ ମାମଲା(ନଂ. ୨୬୫/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ଡ୍ରେନରେ ହେଉନି ପାଣି ନିଷ୍କାସନ

ମୋରଡ଼ା,୪।୬ (ଡି.ଏନ.ଏ)- ମୋରଡ଼ା ବ୍ଲକର ଚିତ୍ରଡ଼ା ମହାବିଦ୍ୟାଳୟ ନିକଟରେ ଥିବା ଡ୍ରେନରେ ଅଳିଆ ଆବର୍ଜନା ଜମି ରହିଥିବା ଦେଖିବାକୁ ମିଳିଛି। ବହୁ ବର୍ଷ ଧରି ଡ୍ରେନ୍ ସଫେଇ ହୋଇ ନ ଥିବାରୁ ସ୍ଥାନୀୟ ପରିବେଶ ଦୂଷିତ ହେଉଥିବା ଅଭିଯୋଗ ହେଉଛି। ଆବର୍ଜନା ଭର୍ତ୍ତି ହୋଇଯିବାରୁ ଡ୍ରେନରେ ପାଣି ନିଷ୍କାସନ ଠିକ୍ ଭାବେ ହୋଇପାରୁନାହିଁ। ପାଣି ଜମି ରହିବା ଫଳରେ ମଶା ମାଛିଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ସ୍ଥାନୀୟ ଲୋକେ ବହୁତ ହଇରାଣ ହେଉଛନ୍ତି। ସଫେଇ କାର୍ଯ୍ୟ ନ ହେଲେ ଡ୍ରେନ ପୋତି ହୋଇଯିବାର ଆଶଙ୍କା ସୃଷ୍ଟି ହୋଇଛି। ଫଳରେ ବର୍ଷା ହେଲେ ଡ୍ରେନ ପାଣି ଲୋକଙ୍କ ଘରେ ପଶିଯିବାର ସମ୍ଭାବନାକୁ ମଧ ଏଡାଇ ଦେଇ ହେବ ନାହିଁ। ତେଣୁ ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଡ୍ରେନ ସଫେଇ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

### ମହିଳାଙ୍କୁ ଦଳିଦେଲା ହାତୀ

ଖଇରା, ୪।୬(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ତହସିଲ ଅଧୀନ କଇଥଗଡିଆ ଗ୍ରାମର ସଜନୀ ସିଂ(୫୨)ଙ୍କୁ ହାତୀ ଦଳିଦେବାରୁ ତାଙ୍କର ମୃତ୍ୟୁ ହୋଇଯାଇଛି। ସେ ଶନିବାର ସକାଳେ ମୟୂରଭଞ୍ଜ ଜିଲା ବଡହୁଡି ବଣକୁ ଛେଳି ଚରାଇବା ସହ ପତ୍ର ଗୋଟାଇବାକୁ ଅନ୍ୟତମ ସହଯୋଗୀ ସୋମବାରୀ ସିଂ(୩୨)ଙ୍କ ସହ ଯାଇଥିଲେ। ଏତିକିବେଳେ ଏକ ହାତୀ ଗୋଡରେ ଦଳିଦେବା ଯୋଗୁ ସଜନୀ ମୃତ୍ୟୁବରଣ କରିଥିବା ବେଳେ ସୋମବାରୀ ଆହତ ହୋଇଥିଲେ। କୁପାରୀ ଫରେଷ୍ଟର ନରେଶ ଚନ୍ଦ୍ର ସିଂ ଓ ସୋର ରେଞ୍ଜର ବବିତା ସୋରେନ ଘଟଣାର ତଦନ୍ତ କରିଛନ୍ତି। ସଜନୀଙ୍କ ମୃତ୍ୟୁ ହୋଇଥିବା ସ୍ଥାନକୁ ନେଇ କପ୍ତିପଦା ରେଞ୍ଜ ଓ ସୋର ରେଞ୍ଜ ଅଧିକାରୀଙ୍କ ମଧ୍ୟରେ ବିବାଦ ଯୋଗୁ ବହୁ ସମୟ ଧରି ତର୍କବିତର୍କ ଚାଲିଥିଲା ଓ ମୃତଦେହ ସନ୍ଧ୍ୟା ପର୍ଯ୍ୟନ୍ତ ପଡିରହିଥିଲା । କଥା ଆଗକୁ ବଢିବାକୁ ନ ଦେଇ ଖଇରା ଥାନା ଆଇଆଇସି ଗଣେଶ୍ୱର ପ୍ରଧାନ ସନ୍ଧ୍ୟାରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ସୋର ପଠାଇଛନ୍ତି । ତେବେ ଶାରାଶୁଆ ପାହାଡ ବହୁ ପୂର୍ବରୁ ହାତୀଚଲା ରାସ୍ତା ଭାବେ ଘୋଷଣା ହୋଇଥିଲେ ହେଁ ଖଣିମାଫିଆଙ୍କ ବ୍ଲାଷ୍ଟିଂ ଯୋଗୁ ଅଧିକାଂଶ ସମୟରେ ଜୀବଜନ୍ତୁ ଗାଁକୁ ପଶି ଆସି ଆତଙ୍କ ସୃଷ୍ଟି କରୁଛନ୍ତି।

### ଚକ୍ଷୁ ପରୀକ୍ଷା, ମୋତିଆବିନ୍ଦୁ ଚିହ୍ନଟ ଶିବିର

ରୂପସା, ୪।୬(ଡି.ଏନ.ଏ.)-ବାଲେଶ୍ୱର ଓ ମୟୂରଭଞ୍ଜ ଜିଲା ସୀମାନ୍ତବର୍ତ୍ତୀ ଆମ୍ବଗଡ଼ିଆ ପଞ୍ଚାୟତ ଭଗବାନପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ବାଲେଶ୍ୱର ରୋଟାରୀ ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ଚକ୍ଷୁ ପରୀକ୍ଷା ଓ ମୋତିଆବିନ୍ଦୁ ଚିହ୍ନଟ ତଥା ଅସ୍ତ୍ରୋପଚାର ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଆମ୍ବଗଡ଼ିଆ ବିକାଶ ପରିଷଦ ଏବଂ ବାଲେଶ୍ୱର ରୋଟାରୀ କ୍ଲବ ମିଳିତ ଆନୁକୂଲ୍ୟରେ ଆୟୋଜିତ ଶିବିରରେ ସମୟର ଚକ୍ର ପତ୍ରିକାର ସମ୍ପାଦକ ସର୍ବେଶ୍ୱର ଜେନା ପୌରୋହିତ୍ୟ କରିଥିଲେ। ଭଗବାନ ମହାପାତ୍ର ଶିବିରକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ପିଞ୍ଛାବଣିଆ ଗୁରୁକୁଳ ଆଶ୍ରମ ସମ୍ପାଦକ ବିଜୟ କୁମାର ଆର୍ଯ୍ୟ, ମୁଖ୍ୟବକ୍ତା ଡ. ରମେଶ ଚନ୍ଦ୍ର ବାରିକ, ସମ୍ମାନିତ ଅତିଥି ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଜୟନ୍ତ କୁମାର ପାଣିଗ୍ରାହୀ, ବିରଞ୍ଚି କୁମାର ଦାସ, ସିଆର୍‌ସିସି ଉମାକାନ୍ତ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଉଭୟ ଜିଲାରୁ ୮୦ ଜଣ ମହିଳା, ପୁରୁଷ ଚକ୍ଷୁ ପରୀକ୍ଷା କରିଥିଲେ।

# ଭକ୍ତି-ସ୍ୱାଭିମାନ ସମାବେଶ

**ବଳଦେବଜୀଉଙ୍କ ନନ୍ଦିଘୋଷ ରଥ ପ୍ରତି ପ୍ରତିକୂଳ ମନ୍ତବ୍ୟର ପ୍ରତିବାଦ**

କେନ୍ଦୁଝର, ୪।୬(ଡି.ଏନ୍.ଏ./ସ୍ୱ.ପ୍ର.)

ବିଶ୍ୱର ସର୍ବବୃହତ୍ ଏକକ ରଥର ମାନ୍ୟତା ପାଇଥିବା କେନ୍ଦୁଝର ବଳଦେବଜୀଉଙ୍କ ନନ୍ଦିଘୋଷ ରଥ ସମ୍ପର୍କରେ ପ୍ରତିକୂଳ ମନ୍ତବ୍ୟ ପ୍ରକାଶ ପାଇଥିବାରୁ ସମଗ୍ର ଜିଲାରେ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏନେଇ ଶନିବାର ସନ୍ଧ୍ୟାରେ ବଳଦେବଜୀଉ ମନ୍ଦିର ସମ୍ମୁଖରେ ଏକ ଭକ୍ତି-ସ୍ୱାଭିମାନ ସମାବେଶ ଅନୁଷ୍ଠିତ ହୋଇଛି। ବଳଦେବଜୀଉଙ୍କ ନନ୍ଦିଘୋଷ ରଥ ୪୦୦ବର୍ଷ ହେବ। ଏହି ଏକକ ସୁବିଶାଳ ରଥ ସମ୍ପର୍କରେ କେତେକ ବ୍ୟକ୍ତିବିଶେଷ ମାନହାନିସୂଚକ ମନ୍ତବ୍ୟ ଦେବାକୁ ନେଇ ଉକ୍ତ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହା ପ୍ରତିବାଦରେ ଗତ ଶୁକ୍ରବାର ସନ୍ଧ୍ୟାରେ ରଥ ସମ୍ମୁଖରେ ସେବାୟତ ଓ ଭକ୍ତଙ୍କ ତରଫରୁ ଧାରଣା ଅନୁଷ୍ଠିତ ହୋଇଥିଲା।

ଗୋଟିଏ ବର୍ଷ ବା ଅତୀତର ଅଳ୍ପ କିଛି ବର୍ଷ ଧରି ଏହି ରଥକୁ ଆକାର ବା ଉଚ୍ଚତାରେ ବଡ଼ କରାଯାଇ ନ ଥିବାବେଳେ ଇତିହାସ ସମ୍ପର୍କରେ ନ ଜାଣି ଏପରି ଭ୍ରମାତ୍ମକ ଉକ୍ତି ପ୍ରକାଶ କରିବା ସମିଚୀନ ନୁହେଁ ବରଂ ଏହା ଏକ ଧାର୍ମିକ ଭାବନା ପ୍ରତି କୁଠାରଘାତ ଓ ଅପମାନ ବୋଲି କୁହାଯାଉଛି। ଚଳିତ ବର୍ଷ କେନ୍ଦୁଝରର ରଥକୁ ୭୨ଫୁଟ ଉଚ୍ଚତା କରାଯାଇଛି ବୋଲି କେତେକ ବ୍ୟକ୍ତି ପ୍ରକାଶ କରିବା ସହ ପୁରୀର କିଛି ଦଇତାପତି ଏହି କେନ୍ଦୁଝର ରଥ ସମ୍ପର୍କରେ ପ୍ରତିକୂଳ ମନ୍ତବ୍ୟ ଦେଇଥିବାରୁ ଏହାକୁ ତୀବ୍ର ବିରୋଧ କରାଯାଇଛି। ବଳଦେବଜୀଉ ମନ୍ଦିରର ବଡପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାବେଶରେ ରାଜପୁରୋହିତ ପ୍ରସନ୍ନ କୁମାର ନନ୍ଦ, ବ୍ରହ୍ମା ଗଙ୍ଗାଧର ମିଶ୍ର, ପୂଜକ ଓ ସେବାୟତମାନେ ଉପସ୍ଥିତ ରହି କେନ୍ଦୁଝର ରଥ ସମ୍ପର୍କରେ ପ୍ରଦାନ କରାଯାଇଥିବା ମନ୍ତବ୍ୟର ପ୍ରତିବାଦ ଜଣାଇଥିଲେ। ଏହି ଭକ୍ତି-ସ୍ୱାଭିମାନ ସମାବେଶରେ ସମାଜର ପ୍ରତିଷ୍ଠିତ ବ୍ୟକ୍ତିବିଶେଷ, ସେବାୟତ, ବରିଷ୍ଠ ନାଗରିକ, ନିର୍ବାଚିତ ଜନ ପ୍ରତିନିଧି, ଗଣମାଧ୍ୟମର ପ୍ରତିନିଧିଙ୍କ ସମେତ ବହୁ ଜନସାଧାରଣ ଯୋଗ ଦେଇ ଏପରି ମନ୍ତବ୍ୟ ଶୋଭନୀୟ ନୁହେଁ ବୋଲି କହିଥିଲେ।

ସୂଚନାଯୋଗ୍ୟ, କେନ୍ଦୁଝରର ପଞ୍ଚବିଂଶତି ରାଜା ଲକ୍ଷ୍ମୀନାରାୟଣ ଭଞ୍ଜଦେଓ ୧୬୭୩ ମସିହାରେ ବଳଦେବଜୀଉ ମନ୍ଦିର ପ୍ରତିଷ୍ଠା କରିଥିଲେ।



ଧାରଣାରେ ବସିଥିବା ସେବାୟତ।

ପ୍ରାୟତଃ ସେହିଦିନଠାରୁ କେନ୍ଦୁଝରର ରଥ ୭୨ଫୁଟ ଉଚ୍ଚ ହୋଇ ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଚତୁର୍ଦ୍ଧାମୂର୍ତ୍ତି ଗୁଣ୍ଡିଚା ମନ୍ଦିରକୁ ବିଜେ କରୁଛନ୍ତି। ବଳଦେବଜୀଉଙ୍କ କାଷ୍ଠ ନିର୍ମିତ ରଥ ସମଗ୍ର ପୃଥିବୀରେ ସର୍ବୋଚ୍ଚ ରଥର ମାନ୍ୟତା ଲାଭ କରିଛି। ଯାହାର ସ୍ୱୀକୃତି ସ୍ୱରୂପ ଗିନିଜ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡସରେ ସ୍ଥାନ ପାଇଛି। ଏହା ପୂର୍ବରୁ ଶ୍ରୀ ବଳଦେବଜୀଉଙ୍କ ରଥ ନନ୍ଦିଘୋଷ ନ୍ୟାଶନାଲ ରେକର୍ଡ୍ସ, ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସ, ଏସିଆ ପେସିଫିକ ଆଇକନ, ଗ୍ଲୋବାଲ ରେକର୍ଡ୍ସ, ୱଣ୍ଡର ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇସାରିଛି। ଏହି ରଥର ଉଚ୍ଚତା ୭୨ଫୁଟ ଏବଂ ଗୋଲେଇ ୪୫ଫୁଟ ହୋଇଥିବାବେଳେ ଏଥିରେ ପ୍ରାୟ ୮ଫୁଟ ଉଚ୍ଚର ଷୋହଳଟି ଚକ ଲାଗିଛି। ଏପରି ଏକ ପ୍ରାଚୀନ ବିଷ୍ଣୁକ୍ଷେତ୍ର ଯେଉଁଠାରେ ନବକଳେବର ପ୍ରଥା ନ ଥିବା ସହ ରଥଯାତ୍ରା ସମୟରେ ରଥରେ ଅଧରପଣା ନ ଥିଲେ ମଧ ଶ୍ରୀକ୍ଷେତ୍ର ଧାମର ପରମ୍ପରାକୁ ପାଥେୟ କରି ନୀତିକାନ୍ତି ହୋଇଥାଏ।

# ବିଶ୍ୱ ସାଇକେଲ ଦିବସରେ ରାଲି


କୁଳପତି ସନ୍ତୋଷ କୁମାର ତ୍ରିପାଠୀ, ଅଧ୍ୟାପକ, ଅଧିକାରୀ ଓ କର୍ମଚାରୀ।

ବାଲେଶ୍ୱର ଅଫିସ, ୪।୬

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ତରଫରୁ ବିଶ୍ୱ ସାଇକେଲ ଦିବସ ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ଅଧ୍ୟାପକ, ଅଧିକାରୀ, କର୍ମଚାରୀ ତଥା ଛାତ୍ରୀଛାତ୍ର ସାଇକେଲ ରାଲିରେ ସାମିଲ ହୋଇଥିଲେ।

ରେମୁଣା ଗୋଲେଇଠାରେ ଥିବା ବିଶ୍ୱବିଦ୍ୟାଳୟର ପୁରୁଣା କ୍ୟାମ୍ପସ ପରିସରରୁ ୧୦କି.ମି. ଦୂରରେ ଅବସ୍ଥିତ ନୂଆପାଢ଼ୀସ୍ଥିତ ନୂଆ କ୍ୟାମ୍ପସ୍ ପରିସର ଯାଏ ଅନୁଷ୍ଠିତ ସାଇକେଲ ରାଲି ଜରିଆରେ ଜନସାଧାରଣଙ୍କୁ ସାଇକେଲ୍‌ରେ ଯିବା ଆସିବା କରିବା ପାଇଁ ପ୍ରବର୍ତ୍ତାଯିବା ସହ ଏହାର ଉପକାରିତା ବିଷୟରେ ଅବଗତ କରାଯାଇଥିଲା। ସେହିପରି ସାଇକେଲ ଚଳାଇବା ଦ୍ୱାରା ସ୍ୱାସ୍ଥ୍ୟର ଉନ୍ନତି ସହ ପରିବେଶ ପ୍ରଦୂଷଣରୁ ସୁରକ୍ଷା, ପେଟ୍ରୋଲ-ଡିଜେଲ ବଞ୍ଚାଇ ଶକ୍ତି ସଞ୍ଚୟ ସମ୍ଭବ ବୋଲି ଲୋକଙ୍କୁ ସଚେତନ କରାଯାଇଥିଲା। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, କୁଳସଚିବ କୁକୁମିନା ପ୍ରମୁଖ ଭାଗ ନେଇଥିଲେ।

# ଭାଜପା ମଣ୍ଡଳସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ


ସମ୍ମିଳନୀରେ ଭାଜପା କାର୍ଯ୍ୟକର୍ତ୍ତା।

ଭଣ୍ଡାରିପୋଖରୀ, ୪।୬ (ସ୍ୱ.ପ୍ର.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ବଳଦେବଜୀଉ ମଣ୍ଡଳର କାର୍ଯ୍ୟକର୍ତ୍ତା ସମ୍ମିଳନୀ ବାଲିପୋଖରୀ ପଞ୍ଚାୟତ କୁମ୍ଭାରିଆ ହନୁମାନ ଛକଠାରେ ଅନୁଷ୍ଠିତ ହୋଇଯାଇଛି। ଦଳୀୟ ନେତା ଶ୍ରୀଧର ସ୍ୱାଇଁ ଏଥିରେ ସଭାପତିତ୍ୱ କରିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଦ୍ରି ନାରାୟଣ ଧଳ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଗତ ୮ ବର୍ଷରେ କେନ୍ଦ୍ରରେ ଭାଜପାର ସେବା, ସୁଶାସନ ଏବଂ ଗରିବ କଲ୍ୟାଣର ନିରନ୍ତର ଯାତ୍ରା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହାବ୍ୟତୀତ ମୋଦି ସରକାରଙ୍କ ୮ ବର୍ଷ ପୂର୍ତ୍ତି ଅବସରରେ ପ୍ରତ୍ୟେକ କାର୍ଯ୍ୟକର୍ତ୍ତା ଘରକୁ ଘର ଯାଇ କେନ୍ଦ୍ର ସରକାରଙ୍କ ଗରିବ କଲ୍ୟାଣ ଯୋଜନା ସମ୍ପର୍କରେ ଅବଗତ କରାଇବାକୁ ସେ ପରାମର୍ଶ ଦେଇଥିଲେ। ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହାର ସଂଯୋଜନା ପାଇଁ ମଣ୍ଡଳ ସଂଯୋଜକ ଭାବେ ସର୍ବସମ୍ମତି କ୍ରମେ ଶ୍ରୀଧର ସ୍ୱାଇଁଙ୍କ ନାମ ଘୋଷଣା କରାଯାଇଥିଲା। ଦଳୀୟ ନେତା ଅମୂଲ୍ୟ ସେଠୀ, ଅଜୟ ରାଉତ, ଗଙ୍ଗାଧର ସାମଲ, ରବି ନାରାୟଣ ମହାପାତ୍ର, ଧନେଶ୍ୱର ନାୟକ, ବିରେନ୍ଦ୍ର ନାୟକ, ପ୍ରକାଶ ମହାପାତ୍ର, ଅବିନାଶ ନାୟକ, ବ୍ରଜ ନାୟକ, ନରନାରାୟଣ ପରିଡ଼ା, ପରମାନନ୍ଦ ସାମଲ, ମନୋରଞ୍ଜନ ମହାନ୍ତି, ବିଶ୍ୱନାଥ ଯେନା, ସୁରେନ୍ଦ୍ର ଦାସ, ଲଳିତ ନାୟକ, କେଦାର ସାହୁ, ନଟବର ଯେନା, ଦଶରଥ ମଲ୍ଲିକ, ସୂର୍ଯ୍ୟକାନ୍ତ ଧଳଙ୍କ ସମେତ ମଣ୍ଡଳର ୭ଟି ପଞ୍ଚାୟତର ପ୍ରମୁଖ କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ଉପସ୍ଥିତ ଥିଲେ।

## ୨ ବାଇକ୍ ମୁହାଁମୁହିଁ: ୩ ଗୁରୁତର

ସୋର, ୪।୬(ଡି.ଏନ୍.ଏ.)

ସୋର-କୁପାରୀ ରାସ୍ତା ସରଶଂଖ ଆଇଡିଆ ଆଇଟିଆଇ ନିକଟରେ ଶନିବାର ୨ଟି ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ବାଇକ ଚାଳକଙ୍କ ସମେତ ୩ଜଣ ଗୁରୁତର ଆହତ ହୋଇଛନ୍ତି। ପ୍ରଥମେ ସୋର ଡାକ୍ତରଖାନା ଓ ପରେ ବାଲେଶ୍ୱର ସ୍ଥାନାନ୍ତରିତ ହୋଇଛନ୍ତି। ବାହାନଗା ଅଞ୍ଚଳର ବନ୍ଧନ ଜେନା ଓ ତୁଷାର ରଞ୍ଜନ ମଲ୍ଲିକ ଔପଦାସ୍ଥିତ ନିଜ ସମ୍ପର୍କୀୟଙ୍କ ଘରୁ ଫେରୁଥିବା ବେଳେ ଏହି ଛକ ନିକଟରେ ଝାଡ଼ଖଣ୍ଡ ଅଞ୍ଚଳର ବିଜୟ ସଙ୍କ ବାଇକ୍ ସହ ଧକ୍କା ହୋଇଥିଲା। ୩ଜଣ ଗୁରୁତର ଆହତ ହୋଇ ରାସ୍ତାରେ ପଡ଼ିଥିଲେ। ହେଲପିଂ ହ୍ୟାଣ୍ଡସ୍ ଆମ୍ବୁଲାନ୍ସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ସୋର ମେଡିକାଲକୁ ଆଣିଥିଲା।

# ପାଣି ପାଇଁ ଆନ୍ଦୋଳନ ଚେତାବନୀ


ପାନୀୟ ଜଳ ପାଇଁ ହନ୍ତସନ୍ତ ହେଉଥିବା ଗ୍ରାମବାସୀ।

କପ୍ତିପଦା,୪।୬(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ଲାବଣ୍ୟଦେଇପୁର ପଞ୍ଚାୟତ ଅନ୍ତର୍ଗତ ୫ନଂ. ୱାର୍ଡ଼ ହଦଗୁଠ ଗ୍ରାମରେ ପାନୀୟ ଜଳ ସମସ୍ୟା ଉତ୍କଟ ହେବାରେ ଲାଗିଛି। ସମସ୍ୟାର ସମାଧାନ ନ ହେଲେ ଗ୍ରାମବାସୀ ଆନ୍ଦୋଳନ ପାଇଁ ରାସ୍ତାକୁ ଓହ୍ଲାଇବେ ବୋଲି ଶନିବାର ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଉକ୍ତ ଗ୍ରାମରେ ଗୋଟିଏ ମାତ୍ର ନଳକୂପ ଥିବାବେଳେ ତାହା ମଧ ଅଚଳାବସ୍ଥାରେ। ଗ୍ରାମର ୩୫ ପରିବାର ଏହି ନଳକୂପ ଉପରେ ନିର୍ଭର କରି ଚଳିଥାନ୍ତି। ଏସମ୍ପର୍କରେ ସ୍ଥାନୀୟ ସରପଞ୍ଚଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ କିଛି ସୁଫଳ ମିଳିନି। ତେବେ ୨ଦିନ ମଧରେ ଜଳ ସମସ୍ୟାର ସମାଧାନ ନ ହେଲେ ଗ୍ରାମବାସୀମାନେ ଶରତ-କପ୍ତିପଦା ରାସ୍ତା ଅବରୋଧ କରିବେ ବୋଲି ଚାନ୍ଦୁ ଜାରିକା, କଳ୍ପନା ପାତ୍ର, ମିଞ୍ଚାରୀ ପୂର୍ତ୍ତି, ଯମୁନା ମହାକୁଡ଼, ଦୁଶୁ ସିଂ, ରମା ମହାକୁଡ଼, ଗଙ୍ଗାରାମ ସିଂ, ଘନଶ୍ୟାମ ଜାରିକା ପ୍ରମୁଖ କହିଛନ୍ତି ।

# ମହୋତ୍ସବରେ ମିଳିଲା ଉତ୍କଳ ପ୍ରସଙ୍ଗ, ଓଡ଼ିଶା ରିଭ୍ୟୁ

ଭଦ୍ରକ ଅଫିସ, ୪।୬

ଭଦ୍ରକ ଟାଉନ ହଲ୍‌ରେ ପାଳନ କରାଯାଉଥିବା ପ୍ରଥମ ମନ୍ତେଇ ମହୋତ୍ସବ ଓ ଆରଡ଼ି ଆଖଣ୍ଡଳମଣି ମନ୍ଦିରରେ ଶିବବିବାହ ମହୋତ୍ସବ ଅବସରରେ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଶନିବାର ସୂଚନା କେନ୍ଦ୍ର ଖୋଲାଯାଇଛି। ଏଠାରେ ଓଡ଼ିଶା ସରକାରଙ୍କ ମୁଖପତ୍ର ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁ, ଶ୍ରୀଜଗନ୍ନାଥଙ୍କ ଭଜନ ଜଣାଣ ଓ ଚଉତିଶା ଏବଂ ଓଡ଼ିଶା ରେଫରେନ୍ସ ଆନୁଆଲ ପୁସ୍ତକ ଉପଲବ୍ଧ କରାଯାଇଛି। ମେଳା ମହୋତ୍ସବରୁ ଯେଉଁ ପାଠକମାନେ ଏହା ପାଇବାରୁ ବଞ୍ଚିତ ହେଉଛନ୍ତି ସେମାନେ ଉକ୍ତ କାର୍ଯ୍ୟାଳୟକୁ ଯାଇ କ୍ରୟ କରିପାରିବେ ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ କହିଛନ୍ତି। ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁ ଦୁଇ ପୁସ୍ତକ ବିଗତ ଦୁଇବର୍ଷର ସଂସ୍କରଣ ହୋଇଥିଲେ ବି ଏହା ସବୁ ଦିଗରେ ଉପଯୋଗୀ ବୋଲି କୁହାଯାଇଛି।

# କିଶୋରୀ ସୁରକ୍ଷା ସଚେତନତା


କଣ୍ଟାବଣିଆଠାରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମ।

ଭଦ୍ରକ ଅଫିସ, ୪।୬

ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ପ୍ରାୟୋଜିତ ସୋସାଇଟି ଫର୍ ଉଇକର କମ୍ୟୁନିଟି ଦ୍ୱାରା ପରିଚାଳିତ ଚାଇଲ୍ଡ ଲାଇନ ଭଦ୍ରକ ପକ୍ଷରୁ ଜେନାସାହି, କଣ୍ଟାବଣିଆ, ବଡ଼ସୁଇପର କଲୋନୀ ଅଙ୍ଗନୱାଡି କେନ୍ଦ୍ରରେ ଶନିବାର କିଶୋରୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ ଯୋଗଦେଇ ଶିଶୁଙ୍କ ଅଧିକାର ଉପରେ ଆଲୋକପାତ କରିଥିଲେ। ଜିଲା ଶିଶୁ ମଙ୍ଗଳ କମିଟି ସଦସ୍ୟା ସ୍ମୃତିରେଖା ମହାନ୍ତି ମାସିକ ଋତୁସ୍ରାବ ଉପରେ କିଶୋରୀମାନଙ୍କ ସହ ଆଲୋଚନା କରିଥିଲେ। ୧୬ନଂ. ୱାର୍ଡର କାଉନସିଲର ଆଶିଷ ଅମିତାଭ ମହାପାତ୍ର, ଚାଇଲ୍ଡ ଲାଇନର ନିର୍ଦ୍ଦେଶିକା ସୋଫିଆ ସେକ୍ ଅତିଥି ଭାବେ ଯୋଗଦେଇ ଭଦ୍ରକ ପୌରପାଳିକାକୁ ବାଲ୍ୟ ବିବାହମୁକ୍ତ କରିବା ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି କହିଥିଲେ। ଆସିଆନାର ରିଆଜ୍ ଅହମ୍ମଦ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଚାଇଲ୍ଡ ଲାଇନ କର୍ମକର୍ତ୍ତା ହିନା ଖାତୁନ, ସଞ୍ଜୁଲତା ମଲ୍ଲିକ ଓ ସାଇନ୍ ଖାଁ ସହଯୋଗ କରିଥିଲେ। ମୁକ୍ତାଶ୍ରୟା କେନ୍ଦ୍ରର ସସ୍ମିତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ୟବସାୟିକ ଶତ୍ରୁତାରୁ ଯୁବକଙ୍କୁ ହତ୍ୟା

ବାଲେଶ୍ୱର ଅଫିସ, ୪।୬

ବାଲେଶ୍ୱର ଜିଲା ଚାନ୍ଦିପୁର ଥାନା ଗଛମାଳିଆ ଛକ ନିକଟରେ ଶୁକ୍ରବାର ରାତି ପ୍ରାୟ ୧୧ଟା ବେଳେ ଜଣେ ଯୁବକଙ୍କୁ ଦୁର୍ବୃତ୍ତମାନେ ନିର୍ମମ ଭାବେ ହତ୍ୟା କରି ରାସ୍ତାକଡ଼କୁ ଫିଙ୍ଗି ଦେଇଛନ୍ତି। ଚାନ୍ଦିପୁର ଥାନା ଆଇଆଇସି ଅଜୟ ମୁର୍ମୁଙ୍କ ସମେତ କ୍ରାଇମ ଡିଏସ୍‌ପି ଅମୂଲ୍ୟ ଧର, ସଦର ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀ ଓ ଟାଉନ ଥାନା ଆଇଆଇସି ଗୋପାଳ ଚନ୍ଦ୍ର କର୍ଣ୍ଣ ପହଞ୍ଚି ମୃତଦେହ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଏନେଇ ମୃତକଙ୍କ ଭାଇଙ୍କ ଲିଖିତ ଅଭିଯୋଗ ଅନୁଯାୟୀ ଚାନ୍ଦିପୁର ଥାନାରେ ଏକ ମାମଲା (ନଂ. ୫୬/୨୨) ରୁଜୁ ହୋଇଛି। ଖବର ଲେଖାଯିବା ପର୍ଯ୍ୟନ୍ତ ପୋଲିସ କେତେଜଣଙ୍କୁ ଥାନାକୁ ଆଣି ପଚରାଉଚରା କରି ତଦନ୍ତ ଜାରି ରଖିଛି। ସୁନହଟ୍ ଅଞ୍ଚଳର ସତ୍ୟବ୍ରତ ଦାସ (୨୮) ଜମି କିଣାବିକା ଓ ମଦ ବ୍ୟବସାୟରେ ସମ୍ପୃକ୍ତ ଥିଲେ। ଏମିତି ବି ତାଙ୍କ ନାମରେ ପୂର୍ବରୁ ଚାନ୍ଦିପୁର, ବଳରାମଗଡ଼ି ମେରାଇନ ଥାନା, ଟାଉନ୍ ଓ ସଦର ଥାନାରେ ବିଭିନ୍ନ ଆପରାଧିକ ମାମଲା ରହିଥିଲା। ମଦ ବ୍ୟବସାୟ ସହ ଅନ୍ୟାନ୍ୟ ଆପରାଧିକ କାର୍ଯ୍ୟକଳାପରେ ସାମିଲ୍ ଥିବାରୁ ତାଙ୍କର ବହୁ ଶତ୍ରୁ ଥିଲେ। ଶୁକ୍ରବାର ରାତିରେ ତାଙ୍କୁ ଘରୁ ଡାକି ନେଇ ବାଲେଶ୍ୱର-ଚାନ୍ଦିପୁର ରାସ୍ତାର ଗଛମାଳିଆ ଛକ ଠାରେ ସଂଘବଦ୍ଧ ଆକ୍ରମଣ କରିଥିଲେ। ତାଙ୍କର ମୁହଁ, ହାତ ଓ ଦେହର ଅନେକ ସ୍ଥାନକୁ ଆକ୍ରମଣ ହୋଇଛି। ଏଥିସହ ତାଙ୍କୁ ଉଲଗ୍ନ ମଧ କରିଦିଆଯାଇଛି। ଘଟଣାସ୍ଥଳରେ ନମ୍ବର ପ୍ଲେଟ୍ ନ ଥିବା ଏକ ବାଇକ୍, ଏକ ଭୁଜାଲି ଖୋଳ ଓ ମାରଣାସ୍ତ୍ରର ବେଣ୍ଟକୁ ପୋଲିସ ଜବତ କରିଛି। ପୂର୍ବଶତ୍ରୁତା ଯୋଗୁ ହତ୍ୟା କରାଯାଇଥିବା ପୋଲିସ ସନ୍ଦେହ କରି ତଦନ୍ତ ଜାରି ରଖିଛି। ପରବର୍ତ୍ତୀ ସମୟରେ ସାଇଣ୍ଟିଫିକ୍ ଟିମ୍ ଆସି ତଦନ୍ତ କରିବା ପରେ ମୃତଦେହକୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।

# ନିର୍ବାଚନ ଅଧିକାରୀଙ୍କୁ ତାଲା

**ନୀଳଗିରି ଲ୍ୟାମ୍ପସ ନିର୍ବାଚନ ପ୍ରକ୍ରିୟାରେ ବିଭ୍ରାଟ**

**ଚୂଡ଼ାନ୍ତ ତାଲିକା ପ୍ରକାଶନରେ ବିଳମ୍ବ**

ନୀଳଗିରି, ୪।୬(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ନୀଳଗିରି ଲ୍ୟାମ୍ପସରେ ସମବାୟ ନିର୍ବାଚନ ପ୍ରକ୍ରିୟାରେ ବହୁ ବିଭ୍ରାଟ ଘଟିଥିବା ବେଳେ ନିର୍ବାଚନୀ ନୀତିନିୟମକୁ ସମ୍ପୃକ୍ତ ଲ୍ୟାମ୍ପସ ଶାଖା ପରିଚାଳକ ଓ ନିର୍ବାଚନ ଅଧିକାରୀ ଉଲ୍ଲଂଘନ କରିଥିବା ନେଇ ଉଭୟଙ୍କୁ ପ୍ରାର୍ଥୀମାନେ ତାଲା ପକାଇ ଦେଇଥିଲେ। ଫଳରେ ଘଣ୍ଟା ଘଣ୍ଟା ଧରି ନିର୍ବାଚନ ପ୍ରକ୍ରିୟାରେ ବାଧା ସୃଷ୍ଟି ହୋଇଥିଲା। ଜିଲାପାଳଙ୍କ ନିର୍ଦ୍ଦେଶରେ ନୀଳଗିରି ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ତହସିଲଦାର ଅଶେଷ କୁମାର ନାୟକ ଲ୍ୟାମ୍ପସରେ ପହଞ୍ଚିବା ପରେ ତାଲା ଖୋଲାଯାଇଥିଲା।

ସୂଚନା ଅନୁସାରେ ଉକ୍ତ ଲ୍ୟାମ୍ପସ ଅଧୀନ ସଜନାଗଡ଼ ସେବା ସମବାୟ ସମିତି ପାଇଁ ମୋଟ୍ ୩୭ଜଣ ନିଜର ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଗତ ୩ତାରିଖରେ ସମସ୍ତ ପ୍ରାର୍ଥୀପତ୍ରର ଅଭିଯୋଗ ଓ ଯାଞ୍ଚ ପ୍ରକ୍ରିୟା ଲାଗି ଦିନ ଧାର୍ଯ୍ୟ କରାଯାଇଥିଲା। ଯାଞ୍ଚ ପ୍ରକ୍ରିୟା ନିର୍ଦ୍ଧାରିତ ତାରିଖରେ ହୋଇ ପାରି ନ ଥିଲା। ଶନିବାର ଏମ୍‌ଡି ପ୍ରଶାନ୍ତ କୁମାର ନାୟକ ସମସ୍ତ କାଗଜପତ୍ରକୁ ଆଲମିରାରେ ରଖି ଅଫିସ ଆସି ନ ଥିଲେ। ନିର୍ବାଚନ ଅଧିକାରୀଙ୍କ ପାଖରେ ଚାବି ନ ଥିବାରୁ ଲ୍ୟାମ୍ପସରେ ଉତ୍ତେଜନା ଦେଖାଦେଇଥିଲା। ଶେଷରେ ଚାବି ଅଣାଯାଇ ଖୋଲିବା ପରେ ଯାଞ୍ଚ ପ୍ରକ୍ରିୟା ନିର୍ବାଚନ ଅଧିକାରୀ ଆରମ୍ଭ କରିଥିଲେ। ନିର୍ଦ୍ଧାରିତ ତାରିଖରେ ଯାଞ୍ଚ ପ୍ରକ୍ରିୟା କଣ ପାଇଁ କରାଗଲା ନାହିଁ ବୋଲି ବହୁ ପ୍ରାର୍ଥୀ ଅଭିଯୋଗ କରି ତାଲା ପକାଇ ଦେଇଥିଲେ। ଅନ୍ୟପକ୍ଷେ ୫ ପ୍ରାର୍ଥୀଙ୍କ ବିରୋଧରେ ଅଭିଯୋଗ ରହିଥିବା ବେଳେ ଏହାକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ତର୍କବିତର୍କ ଲାଗିଥିଲା। ତେବେ ୩୭ଜଣଙ୍କ ନାମ ଚୂଡ଼ାନ୍ତ ତାଲିକାରେ ପ୍ରକାଶ କରିବାକୁ ପ୍ରାର୍ଥୀମାନେ ଅଡି ବସିଥିଲେ। ଏହାକୁ ନେଇ ସେଠାରେ ଏକପ୍ରକାର ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି ହୋଇଥିଲା। ପରେ ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, ଉପଜିଲାପାଳ, ନୀଳଗିରି ତହସିଲଦାର ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତର୍ଜମା କରିବା ପରେ ନିର୍ବାଚନ ଅଫିସରଙ୍କ ନିଷ୍ପତ୍ତି ହିଁ ଚୂଡ଼ାନ୍ତ ବୋଲି କହିଥିଲେ। ୫ଜଣଙ୍କ ପ୍ରାର୍ଥୀପତ୍ର ନାକଚ ହେବା ପରେ ୩୨ଜଣଙ୍କର ପ୍ରାର୍ଥୀପତ୍ର କାଏମ ରହିଥିବାର ଚୂଡ଼ାନ୍ତ ତାଲିକା ନିର୍ବାଚନ ଅଧିକାରୀ ପ୍ରକାଶ କରିଛନ୍ତି।


ଆଲୋଚନା ପରେ ଚୂଡ଼ାନ୍ତ ତାଲିକା ପ୍ରକାଶ କରାଯାଉଛି।

